**ଜମିରେ ଜୈବିକସାର ପ୍ରୟୋଗ ନେଇ ସଚେତନତା**

ମାଲକାନଗିରି,୩୦।୬(ଡିଏନଏ): ମାଲକାନଗିରି ସଦର ବ୍ଲକଅନ୍ତ ର୍ଗତ ଗୌଡଗୁଡ ପଞ୍ଚାୟତର ଏମଭି-୧୦ଗ୍ରାମରେ ଓଏଲଏମ ପକ୍ଷର ଜୈବିକ ସାର ଓ ବିହନ ବ୍ୟବହାର ନେଇଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମାଲକାନଗିରି ବ୍ଲକର ଅଧିକାରୀମାନେ ଯୋଗଦେଇ ଜୈବିକ ସାର ପ୍ରୟୋଗ ନେଇ ଉପସ୍ଥିତ ଗ୍ରାମର ଚାଷୀଙ୍କୁ ବୁଝାଇଥିଲେ।



# ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ରଥଯାତ୍ରା




ରାୟଗଡ଼ା ଅଫିସ,୩୦।୬

ରାୟଗଡ଼ା ଜିଲା ଭଲୁରଗୁଡ଼ା ସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲରେ ରଥଯାତ୍ରା ପାଳନ କରାଯାଇଛି। ମଣ୍ଟେଶ୍ୱରୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳକ, ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ରହି ଉତ୍ସାହର ସହ ରଥଯାତ୍ରା ପାଳନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା, ବିଦ୍ୟାଳୟ ପରିଚାଳକ ଓ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ, ଶିକ୍ଷକଙ୍କ ଦ୍ୱାରା ଜଗନ୍ନାଥଙ୍କ ପୌରାଣିକ କଥା ଓ ରଥଯାତ୍ରା ପାଳନର କାରଣ ବିଷୟରେ ପିଲାଙ୍କୁ ବୁଝାଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିଚାଳକ, ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକଙ୍କ ଦ୍ୱାରା ରଥ ଟଣା ଯାଇଥିଲା।

# ନାବାଳିକା ବଳାତ୍କାର ମାମଲାରେ ଦୋଷୀକୁ ୭ ବର୍ଷ ଦଣ୍ଡ

ଜୟପୁର ୩୦।୬ (ନି ପ୍ର)

ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଜୟପୁର ଫାଷ୍ଟ ଟ୍ରାକ ସ୍ପେଶାଲ କୋର୍ଟ ଆଡହକ ଅତିରିକ୍ତ ଜିଲା ଓ ଦୌରା ଜଜ ପ୍ରଦୀପ ସାସମଲ ଅଭିଯୁକ୍ତ ପଦ୍ମନ ଗୋଲରି (୨୧)ଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଦେଇଛନ୍ତି । ଏଥିସହ ୧୦ ହଜାର ଟଙ୍କା ଆର୍ଥିକ ଜରିମାନାରେ ଦଣ୍ଡିତ କରିଛନ୍ତି । ଏହା ଅନାଦୟ ହେଲେ ଅଧିକ ୬ ଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି। ଆଇନସେବା ପ୍ରାଧିକରଣ ମାଧ୍ୟମରେ ପୀଡିତାଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨।୨।୨୦୧୮ ତାରିଖ ରାତିରେ ପୀଡିତା ଶୌଚ ହେବାକୁ ଯାଇ ଘରକୁ ଫେରୁ ଥିବା ସମୟରେ ପଦ୍ମନ ହଠାତ ଘର ଭିତରକୁ ପଶି ତାଙ୍କୁ ଏକ ଅର୍ଦ୍ଧନିର୍ମିତ ଘରକୁ ନେଇ ବଳାତ୍କାର ଏନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସୁକ୍ୟୁଟର ଗାୟତ୍ରୀ ଦେବୀ ମାମଲାକୁ ପରିଚାଳନା କରୁଥିଲେ।

# କହ୍ନେୟା ଲାଲଙ୍କ ହତ୍ୟା ପ୍ରତିବାଦରେ ହିନ୍ଦୁ ସଂଗଠନର ପ୍ରତିବାଦ

ଉମରକୋଟ, ୩୦।୬(ସ୍ୱ.ପ୍ର.)

ରାଜସ୍ଥାନର ଉଦୟପୁର ସହରର ଦରଜି କହ୍ନେୟା ଲାଲଙ୍କ ହତ୍ୟା ପ୍ରତିବାଦରେ ଗୁରୁବାର ଉମରକୋଟ ସହରର ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ସନ୍ଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉମରକୋଟ ଶ୍ରୀ ରାମ ମନ୍ଦିରରୁ ପେଣ୍ଡ୍ରାଣୀ ମନ୍ଦିର ଦେଇ ଡିଏନ୍‌କେ ଡାକ ବଙ୍ଗଳା ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରିଥିଲା। ହନୁମାନ ମନ୍ଦିର ପର୍ଯ୍ୟନ୍ତ ବାଇକ ରାଲି ପହଁଚିଥିଲା। ଭାରତ ମାତା କି ଜୟ, ହିନ୍ଦୁସ୍ଥାନରେ ହିନ୍ଦୁଙ୍କୁ ହତ୍ୟା ବନ୍ଦ, ୨ ହତ୍ୟାକାରୀଙ୍କୁ ଫାଶୀ ଦିଅ ସ୍ଲୋଗାନରେ ପୁରା ଉମରକୋଟ ସହର କମ୍ପି ଉଠିଥିଲା। ଶେଷରେ ହନୁମାନ ମନ୍ଦିର ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେଇଥିଲା । ଏହି ସଭାରେ ଜୟନ୍ତ ପାତ୍ର, ସୁନୀଲ ବେହେରା, କୈଳାସ ବାବା, ନିଗମ ସାହୁ, ମିଲୁ ପଣ୍ଡା, ରାଜୁ ଦାସ, କୃପା ରାମ ସାହୁ, ଅଶୋକ ପାତ୍ର ପ୍ରମୁଖ ଏହି ହତ୍ୟା ଘଟଣାକୁ ଦୃଢ ନିନ୍ଦା କରିଥିଲେ। ୨ ହତ୍ୟାକାରୀଙ୍କୁ ଫାଶୀ ଦଣ୍ଡ ଦେବାକୁ ଦାବି କରାଯାଇଛି। ଶେଷ ରେ ୨ ହତ୍ୟାକାରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉମରକୋଟ ଥାନାଧିକରୀ ଦୀପକ କୁମାର ଜେନା, ପୋଲିସ ଉପଖଣ୍ଡ ଅଧିକାରୀ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# କହ୍ନେୟାଲାଲଙ୍କ ହତ୍ୟା ଘଟଣା: ବିରୋଧ କଲେ ପଡ଼ିଆ ହିନ୍ଦୁ ସଙ୍ଗଠନ

ପଡିଆ,୩୦।୬(ଡି.ଏନ.ଏ.)

ରାଜସ୍ଥାନର ଉଦୟପୁରଠାରେ ନୁପୁର ଶର୍ମାଙ୍କ ସମର୍ଥକ କହ୍ନେୟା ଲାଲଙ୍କ ଗଳା କଟି ହତ୍ୟା ଘଟଣାକୁ ତୀବ୍ର ବିରୋଧ କରିଛି ପଡିଆ ହିନ୍ଦୁ ସଙ୍ଗଠନ। ସଙ୍ଗଠନ ପକ୍ଷରୁ ଏକ ଶୋଭାଯାତ୍ର ନଗର ଭ୍ରମଣ କରିଥିଲା। ଏହି ବିରୋଧ ପ୍ରଦର୍ଶନ ପାଇଁ ଗୁରୁବାର ଅଞ୍ଚଳରେ ସମସ୍ତ ସ୍କୁଲ,କଲେଜ ଓ ବ୍ୟାଙ୍କ ବନ୍ଦ ରହିଥିଲା। କାର୍ଯ୍ୟକ୍ରମର ନେତୃତତ୍ୱ ସଙ୍ଗଠନର ସଭାପତି ଗଣେଶ ମାଡକାମୀ ନେଇଥିଲେ।











# ବୋଲେରୋ-ବାଇକ୍ ମୁହାଁମୁହିଁ, ଜଣେ ମୃତ

ବିଷମକଟକ,୩୦।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ଏକ ବୋଲେରୋ-ବାଇକ୍ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କାଙ୍କୁବାଡ଼ି ପଞ୍ଚାୟତ ଡେଗାଲବୁଡୁନି ଗ୍ରାମର ଶ୍ରୀଧର ହିକକା(୨୬)। ସେହିପରି ଗୁରୁତର ବ୍ୟକ୍ତି ହେଲେ ଗଙ୍ଗାଧର ହିକକା(୨୮)। ଘଟଣାରୁ ପ୍ରକାଶ, ଏକ ବୋଲେରୋ ଚାଟିକଣାରୁ ବିଷମକଟକ ଅଭିମୁଖେ ଯାଉଥିଲା। ଏହି ସମୟରେ ବାଇକ୍‌ଟି ବିଷମକଟକରୁ କାଙ୍କୁବାଡ଼ି ଅଭିମୁଖେ ଯାଉଥିଲା। ପୂର୍ତ୍ତବିଭାଗ ଡାକବଙ୍ଗଳା ନିକଟରେ ବାଇକ୍ ଆରୋହୀ ଏକ ଟ୍ରକ୍‌କୁ ଅଭରଟେକ୍ କରିବା ସମୟରେ ଦ୍ରୁତଗତିରେ ଥିବାରୁ ବୋଲେରୋ ସହ ମୁହାମୁହିଁ ଧକ୍କା ହୋଇଥିଲା। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଶ୍ରୀଧରଙ୍କ ଡାକ୍ତର ମୃତ ଘୋଷଣା କରିଥିଲେ। ବିଷମକଟକ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ବୋଲେରୋ ଏବଂ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି। ଘଟଣା ପରେ ବୋଲେରୋ ଚାଳକ ଫେରାର ହୋଇଯାଇଥିବା ସୂଚନା ମିଳିଛି।











# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି, ୩୦।୬(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡାର ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ବାଲୁ ବିଶ୍ୱାଳଙ୍କୁ ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ହେମନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥିଭାବେ ମୋତିଲାଲ ସାହୁ, କାଶୀନାଥ ସାହୁ, ଘେନୁ ସାହୁ, ପଦ୍ମଲୋଚନ ସାହୁ, କୃତିବାସ ସାହୁ ଓ ସ୍କୁଲର ସମସ୍ତ ଶିକ୍ଷକ ମଞ୍ଚାସୀନ ଥିଲେ। ସ୍କୁଲ ଓ ହଷ୍ଟେଲରେ ଏକ ଶୃଙ୍ଖଳିତ ପରିବେଷ ସୃଷ୍ଟି କରିବାରେ ବିଦାୟୀ ଶିକ୍ଷକଙ୍କ ବହୁତ ଅବଦାନ ରହିଛି ବୋଲି ବକ୍ତାମାନେ କହିଥିଲେ। ଏହାପରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ତାଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ସୌରୀ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଘନଶ୍ୟାମ ସାହୁ, ରଣଜିତ ସାହୁ, ରୋହିତ ସାହୁ, କେମତି ପୂଜାରୀ, ଶୋଭାବତୀ ସାହୁ, ଚୈତନ୍ୟ ଜାଲ, ଚିଦାନନ୍ଦ ନାୟକ, ବବୃ ବାହାନ, ସେମନଲାଲ ସାହୁ, ଚକ୍ରଧର ପୂଜାରୀ, ଗଗନ ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




# ଭେଙ୍କଟେଶ୍ୱର ଏଣ୍ଟରପ୍ରାଇଜେସ୍‌ରେ ଜିଏସ୍‌ଟି ଚଢ଼ାଉ

ଗୁଣପୁର,୩୦ା୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସହର ବିକ୍ରମପୁର ସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ଏଣ୍ଟରପ୍ରାଇଜେସ୍‌ର ଦୋକାନ ଏବଂ ଗୋଦାମ ଉପରେ ଗୁରୁବାର ରାୟଗଡ଼ା ବାଣିଜ୍ୟକର ଏବଂ ଜିଏସ୍‌ଟିର ଏନଫୋର୍ସମେଣ୍ଟ ୟୁନିଟ ପକ୍ଷରୁ ଚଢ଼ାଉ କରାଯାଇଛି। ଅଧିକାରୀମାନେ ବିଭିନ୍ନ ନଥିପତ୍ର ଯାଞ୍ଚ କରିବା ସହ ଜବତ କରିଛନ୍ତି। ଅଭିଯୋଗ ଆଧାରରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଷ୍ଟକ୍ ସହ ଖାତାପତ୍ର ଯାଞ୍ଚ କରାଯିବ। ଏଥିରେ କୌଣସି ତ୍ରୁଟି ଥିଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜିଏସ୍‌ଟି ଟିମ୍ ସୂଚନା ଦେଇଛନ୍ତି। ଚଢ଼ାଉରେ ସିଟି ଏବଂ ଜିଏସ୍‌ଟି ଏନଫୋର୍ସମେଣ୍ଟ ୟୁନିଟର ଡେପୁଟି କମିଶନର ବୈଶାଗୁଭଲ, ଅଫିସର ଅର୍ଜୁନ ଶବର, ଅତିରିକ୍ତ ସିଟି ଏବଂ ଜିଏସ୍‌ଟି ଅଫିସର ବସନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଖଟିଆରେ ୧ କି.ମି. ବୁହାହେଲେ ଗର୍ଭବତୀ

ଟିକିରି, ୩୦ା୬ (ଡି.ଏନ୍.ଏ.)

ଗାଁକୁ ଭଲ ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିଲାନି। ଗର୍ଭବତୀଙ୍କୁ କାଦୁଅ ରାସ୍ତାରେ ଖଟିଆରେ ୧ କି.ମି. ଦୂର ବୋହି ନେବାକୁ ପଡ଼ିଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ରେଙ୍ଗା ପଞ୍ଚାୟତ ମହୁଲକଣା ଗ୍ରାମର କୁନ୍ତଳା ଝୋଡ଼ିଆଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଗାଁକୁ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ୧ କି.ମି. ଦୂରରେ ଅଟକିଥିଲା। ପରିବାର ଲୋକେ ଗ୍ରାମବାସୀଙ୍କ ସହଯୋଗରେ କୁନ୍ତଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ତାଙ୍କୁ କାଶୀପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ମହିଳା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଉଭୟ ମା' ଏବଂ ଶିଶୁକନ୍ୟା ସୁସ୍ଥ ଅଛନ୍ତି।










ସ୍ୱଚ୍ଛ ସୁନାବେଡ଼ା ସୁସ୍ଥ ସୁନାବେଡ଼ା

ପବିତ୍ର ରଥଯାତ୍ରା-୨୦୨୨ ଉପଲକ୍ଷେ ସୁନାବେଡ଼ା ପୌର ପରିଷଦର ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରୁଅଛି ।

ନିର୍ବାହୀ ଅଧିକାରୀ
ପୌର ପରିଷଦ, ସୁନାବେଡ଼ା

ନଗରପାଳ
ପୌର ପରିଷଦ, ସୁନାବେଡ଼ା

ଉପ-ନଗରପାଳ
ପୌର ପରିଷଦ, ସୁନାବେଡ଼ା

ସମସ୍ତ ପାରିଷଦ ବୃନ୍ଦ
ପୌର ପରିଷଦ, ସୁନାବେଡ଼ା

# ମାଗଣା ବିହନ, ସାର ଔଷଧ ବାଣ୍ଟିଲେ ବିଧାୟକ

ପାପଡ଼ାହାଣ୍ଡି, ୩୦ା୬ (ଡି.ଏନ୍.ଏ.)

ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ ମୂଷାପାଲାରେ ଗୁରୁବାର ହିତାଧିକାରୀଙ୍କୁ ମାଗଣା ଧାନ ବିହନ, ସାର ଓ ଔଷଧ ଆଦି ବଣ୍ଟନ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ହେମଲତା ମାଝି, ଉପାଧକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟ ଯଶବନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ଉପସ୍ଥିତ ୧୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଧାନ, ବିହନ ଓ ସାର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଉନ୍ନୟନ ସଂସ୍ଥାର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ଚୋରା ଚାଲାଣ ବେଳେ ବନ୍ଧାହେଲେ ଶିକ୍ଷକ

ସେମିଳିଗୁଡା/ ସୁନାବେଡା, ୩୦ା୬ (ସ୍ୱ.ପ୍ର.)

ସେମିଳିଗୁଡା ପୋଲିସ ବୁଧବାର ଭୋର ସମୟରେ ପାଟ୍ରୋଲିଂ ବେଳେ ଚେରାଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଥିବା ସୁନାବେଡା ଏସଡିପିଓ ମନୋଜ ବେହେରା ଏକ ଖବରଦାତା ସାମ୍ବାଦିକ ସମ୍ମିଳନୀ ସୂଚନା ଦେଇଛନ୍ତି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ସେମାନେ ହେଲେ ପଟାଙ୍ଗୀ ଥାନା ଅନ୍ତର୍ଗତ ମାଳିପୁଟ ଗ୍ରାମର ସିତନ ସେଉଙ୍କ ପୁଅ ସିମାଦ୍ରୀ ସେଉ(୨୮) ଓ ଡୁମୁରିଗୁଡା ଗ୍ରାମର ସ୍ୱର୍ଗତ ଧନୁ ପାଙ୍ଗିଙ୍କ ପୁଅ ବିନୋଦ ପାଙ୍ଗି (୪୫) । ବିନୋଦ ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୋଲି ତଦନ୍ତରୁ ଜଣାପଡିଥିବା ବେହେରା କହିଛନ୍ତି। ଖବରରୁ ପ୍ରକାଶ, ସେମିଳିଗୁଡା ଏସଆଇ ଦୀପକ ବାରିକ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିବା ବେଳେ ୨୬ ନଂ ଜାତୀୟ ରାଜପଥ ବାଙ୍ଗୁରୁଗୁଡା ନିକଟରେ ସନ୍ଦେହରେ ଏକ ବୋଲେରୋ (ଓଡ଼ି୧୦କେ-୪୧୩୩)କୁ ଅଟକାଇଥିଲେ। ତଲାସି ସମୟରେ ସେଥିରୁ ୪କୁଇଣ୍ଟାଲ ୫୨ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏଥିସହ ପୋଲିସ ୨ଟି ମୋବାଇଲ ଓ ୪୭୦ ଟଙ୍କା ଜବତ କରିଛି। କେସ୍ ନଂ. ୯୭/୨୨ରେ ଏକ ମାମଲା ରୁଜୁ ହୋଇଛି।

# ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

କୋରାପୁଟ, ୩୦ା୬(ସ୍ୱ.ପ୍ର.)

କୋରାପୁଟ ସହକାରୀ ଦୌରା ଜଜ୍ ନିଶା ସାମଲ ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଅଭିଯୁକ୍ତ ମନୁ ଦୁରିଆଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏହି ଗୁରୁବାର ରାୟ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୧ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଆଉ ୩୦ଦିନ ଅଧିକ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି, ସୁନାବେଡା ଥାନା ଅନ୍ତର୍ଗତ କାକିଗାଁ ଗ୍ରାମର ମନୁ ଗତ ୧୯।୫୨୦୧୪ ସନ୍ଧ୍ୟାରେ କାକିଗାଁ ଗ୍ରାମର ଠିକାଦାର ଧନୁର୍ଜୟ କଣ୍ଟାଙ୍କୁ ସେହି ପତି କଣ୍ଟାଙ୍କ ସହ ମିଶି ଏକ ରାସ୍ତା କାମକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଧନୁର୍ଜୟଙ୍କ ସ୍ତ୍ରୀ ପଦ୍ମା କଣ୍ଟା ସୁନାବେଡା ଥାନାରେ ଏତଲା ଦେଇଥିଲେ । ଏହାକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା । ପରବର୍ତ୍ତୀ ସମୟରେ କୋରାପୁଟ ସହକାରୀ ଦୌରା ଜଜ୍‌ଙ୍କ ଅଦାଲତରେ ସିଟି କେସ୍ ନଂ ୧୫୮/୨୦୧୪ରେ ମାମଲାର ବିଚାର ଚାଲିଥିଲା। ମାମଲା ବିଚାରାଧୀନ ଥିବାବେଳେ ଅଭିଯୁକ୍ତ ପତି କଣ୍ଟାଙ୍କ ଦେହାନ୍ତ ହୋଇଯାଇଥିଲା। ବିଦ୍ୟାଧର ସାହୁ ମାମଲାପରିଚାଳନା କରୁଥିଲେ ।

# ଅବକାରୀ ଚଢ଼ାଉ

ଜୟପୁର, ୩୦ା୬ (ନି.ପ୍ର.): ସଦର ଥାନା ଅନ୍ତର୍ଗତ ନିଳାଗୁଡା ଗ୍ରାମ ଜଙ୍ଗଲରେ ଅବକାରୀ ଚଢାଉ କରାଯାଇ ୩ ହଜାର ୯ ଶହ ଲିଟର ପୋଚ ଓ ୨୩୦ ଲିଟର ମଦ ଜବତ ହୋଇଛି।



















